# Akashvani, Sambalpur

## SAMBALPURI NEWS EVENING BULLETIN

## 17 July 2025- 7.02 pm- 7.12 pm.

*********************************************

୧- ସ୍ୱଚ୍ଛତା ଦେଶର ସାଂସ୍କୃତିକ୍ ଚେତନାର୍ ମୁଳଦୂଆ ଆଏ- କହେଲେ ରାଷ୍ଟ୍ରପତି ।

୨- ପ୍ରଶାସନିକ୍ ସଂସ୍କାର୍‌ଠାନୁ ମୁଲ୍ କରି କରି ପେପର୍ ଲେସ୍ ବଜେଟ୍ ତକ୍, ସବୁ କ୍ଷେତ୍ରଥି ଆଏଜ୍ ଓଡ଼ିଶା ଅଗ୍ରଣୀ ଭୂମିକା ନଉଛେ- କହେଲେ ମୁଖ୍ୟମନ୍ତ୍ରୀ ।

୩- ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରୀ ଯୋଜ୍‌ନା ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ପଞ୍ଜିକରଣ୍ ।

ଆଉର୍

୪- ରାଏଜେ ମୌସୁମୀ ଋତୁଥି ଏବ୍‌ତକ୍ ହେଇଛେ ସ୍ୱାଭାବିକ୍‌ନୁ ଅଏତ୍‌କା ବର୍ଷା ।

ସ୍ୱଚ୍ଛ ସର୍ବେକ୍ଷଣ-ରାଷ୍ଟ୍ରପତି ଏନ୍‌ଏସ୍‌ଡି

ସ୍ୱଚ୍ଛତା ଦେଶର ସାଂସ୍କୃତିକ୍ ଚେତନାର୍ ମୁଳଦୂଆ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀଠାନେ ହେଇଥିବା ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସମାରୋହଥି ଯୋଗ୍ ଦେଇକରି ରାଷ୍ଟ୍ରପତି ସ୍ୱଚ୍ଛ ଭାରତ୍ ମିଶନର ସଫଲ୍ତା ଉପ୍ରେ ରାଜ୍ୟ ଆଉ କେନ୍ଦ୍ର ଶାସିତ ଅଂଚଲ୍ମାନ୍କୁ ପ୍ରଶଂସା କର୍ବାର୍ ସହେତେ ସ୍ୱଚ୍ଛ ସର୍ବେକ୍ଷଣ ଗୁଟେ ସଫଲ୍ ପଦ୍କ୍ଷେପ ବଲି କହିଛନ୍ ।

(ଭଏସ୍ ଓଭର୍-----ରାଷ୍ଟ୍ରପତି)

କାର୍ଯ୍ୟକ୍ରମ୍ଥି ଭିନ୍ ଭିନ୍ ବର୍ଗଥି ମୋଟ୍ ୭୮ଟା ପୁରସ୍କାର୍ ପ୍ରଦାନ୍ କରାଯାଇଛେ । ଇ ବଛର୍ ସୁପର୍ ସ୍ୱଚ୍ଛ ଲିଗ୍ ସହର୍ ଆଉ ୫ଟା ଭିନ୍ ଭିନ୍ ଜନସଂଖ୍ୟା ବର୍ଗଥି ଶ୍ରେଷ୍ଠ ୩ଟା ସ୍ୱଚ୍ଛ ସହର ସହେତେ ୪ଟା ବର୍ଗଥି ପୁରସ୍କାର ଦିଆଯାଇଛେ । ମଧ୍ୟପ୍ରଦେଶ୍ର ଇନ୍ଦୋର୍ ସହର ଲଗାତର ୮ ନମ୍ବର ଥର ଦେଶର୍ ସବୁନୁ ସ୍ୱଚ୍ଛ ସହର୍ ଭାବେ ପୁରସ୍କୃତ୍ ହେଇଛେ । ସର୍ବ ଭାରତୀୟ ସ୍ତରେ ଗଞ୍ଜାମ ଜିଲ୍ଲାର ଆସିକା ସ୍ୱଚ୍ଛ ଏନ୍.ଏ.ସି. ଭାବେ ପୁରସ୍କାର୍ ପାଇଛେ । ସେନ୍ତା ଜିଲ୍ଲାର ଚିକିଟି ଏନ୍.ଏ.ସି. ୨୦ ହଜାର୍ନୁ କମ୍ ଜନସଂଖ୍ୟା ବର୍ଗଥି ୨ ନମ୍ବର ପୁରସ୍କାର୍ ପାଇଛେ ।

ସୁଶାସନ୍ -ଜାତୀୟ ସମ୍ମିଳନୀ I&PR

ପ୍ରଶାସନିକ୍ ସଂସ୍କାର୍‌ଠାନୁ ମୁଲ୍ କରି କରି ପେପର୍ ଲେସ୍ ବଜେଟ୍ ତକ୍, ସବୁ କ୍ଷେତ୍ରଥି ଆଏଜ୍ ଓଡ଼ିଶା ଦେଶେ ଅଗ୍ରଣୀ ଭୂମିକା ନଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଦୁଇଦିନିଆ ଜାତୀୟ ସୁଶାସନ୍ ସମ୍ମିଲନୀଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଶାସନିକ୍ ସଂସ୍କାର ଦିଗେ କେନ୍ଦ୍ର ସରକାରଙ୍କର୍ ସଙ୍ଗେ ଓଡ଼ିଶା ସକ୍ରିୟ ଅଂଶୀଦାର୍ ହେଇକରି ଆଗ୍‌କେ ବଢ଼ଖବାର୍‌ଟା ରାଜ୍ୟ ଲାଗି ଗୌରବ୍‌ର ବିଷେ ଆଏ ବଲି କହିଛନ୍ ।

କେନ୍ଦ୍ର ପ୍ରଶାସନିକ୍ ସଂସ୍କାର୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହେଇଥିବା ସମ୍ମିଲନୀକେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଉ କେନ୍ଦ୍ର କାର୍ମିକ ଆଉ ସାଧାରଣ ଅଭିଯୋଗ୍ ରାଷ୍ଟ୍ରମନ୍ତ୍ରୀ ଡାକ୍ତର୍ ଜିତେନ୍ଦ୍ର ସିଂ ମିଶିକରି ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂହ କେନ୍ଦ୍ର ସରକାରଙ୍କର ପ୍ରଶାସନିକ ସଂସ୍କାର୍ ଦିଗେ ଆଂଚଲିକ ସହଯୋଗ୍ ଉପ୍‌ରେ ଜୋର୍ ଦେବାର୍ ସହେତେ ସୁଶାସନ୍‌ର ଅର୍ଥ ସବୁ ଆହ୍ୱାନ୍‌କେ ସୁଯୋଗ୍ ଭାବେ ବଦ୍‌ଲାବାର୍‌ଟା ବଲି କହିଛନ୍ । ସେନ୍ତା ଗଲା ୧୧ ବଛର୍ ଭିତ୍‌ରେ ନାଗରିକ୍ ମାନ୍‌କର କାମେ ନାଇଁ ଲାଗୁଥିବା ୧୬ ଶହ ନିୟମ୍‌କେ ନିଷ୍କ୍ରିୟ କରି ଦିଆଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ

କହିଛନ୍ । ସମ୍ମିଳନୀଥି ସାରା ଦେଶୁ ୪ ଶହନୁ ଅଏତ୍କା ପ୍ରତିନିଧି ଯୋଗ୍ ଦେଇଛନ୍ ।

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜ୍ନା କଳାହାଣ୍ଡି

ସମ୍ବାଦାତା

ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜ୍ନାକେ ଗଲାକାଏଲ୍ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ମିଲିଛେ । ଯୋଜ୍ନାଥି ଦେଶର୍ ଶହେଟା ପଛୁଆ କୃଷି ଜିଲ୍ଲାର ବିକାଶ କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯିବା । ଇତାର୍ ଜରିଏ ପଂଚାୟତ୍ ଆଉ ବ୍ଲକ୍ ସ୍ତର୍‌ନ ଅମଲ୍ ଉତ୍‌ରର୍ ସଂରକ୍ଷଣ ବ୍ୟବସ୍ଥା, ଜଲ୍‌ସେଚନ୍‌ର ଉନ୍ନତ୍ ସୁବିଧା ଆଉ ସହଜେ ଋଣ ଯୁଗାବାର୍ ବ୍ୟବସ୍ଥା କରାଯିବା । ଇଥିର୍ ଲାଗି ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜ୍ନାକେ କଳାହାଣ୍ଡି ଜିଲ୍ଲା ଭିନ୍ ଭିନ୍ ମହଲ୍‌ନ ସ୍ୱାଗତ୍ କରାଯାଇଛେ । ଇ ବାବ୍‌ଦେ ଜିଲ୍ଲାର ଭଙ୍ଗାବାରି ଗାଁର୍ ଚାଷୀ ଶ୍ୟାମଘନ ନାଏକ୍ କହିଛନ୍....

(ଭଏସ୍ ଓଭର-----ଚାଷୀ ଶ୍ୟାମଘନ ନାଏକ)

ଗଣଶିକ୍ଷା ବିଭାଗ-ଆଭ୍ୟନ୍ତରୀଣ କମିଟି ଆର୍‌ଏନ୍‌ୟୁ/

ସମ୍ବଲପୁର

ରାଜ୍ୟର୍ ବିଦ୍ୟାଳୟ ଛାତ୍ରଛାତ୍ରୀ ଆଉ ମହିଳା କର୍ମଚାରୀମାନ୍‌କର ସୁରକ୍ଷା ଲାଗି ଆଭ୍ୟନ୍ତରୀଣ କମିଟି ଗଠନ୍ କର୍‌ବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶନାମା ଜାରି କରାଯାଇଛେ । ଇ ବାବ୍‌ଦେ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ବିଭାଗ୍ ତର୍‌ଫୁ ଚିଠି କରାଯାଇଛେ । କର୍ମକ୍ଷେତ୍ର ନ ମହିଲାମାନ୍‌କର ଯୌନ ନିର୍ଯାତନା ବିକାରଣ, ନିଷେଧ ଆଉ ପ୍ରତିକାର ଆଇନ୍-୨୦୧୩ର ବ୍ୟବସ୍ଥାମାନ୍‌କର ପାଲନ୍ କର୍‌ବାର୍ ଲାଗି କୁହାଯାଇଛେ । ଆଭ୍ୟନ୍ତରୀଣ ଅଭିଯୋଗ୍ କମିଟି ଗଠନ୍, ପୁନର୍ଗଠନ ସହେତେ କାର୍ଯ୍ୟାନ୍ୱୟନ୍ ସମୀକ୍ଷା କର୍‌ବାର୍‌କେ ଇଥି ନିର୍ଦ୍ଦେଶ୍ ଦିଆଯାଇଛେ ।

ତାଲିମ୍ କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ/ କଟକ

ସଡ଼କ୍ ସୁରକ୍ଷା ସୁନିର୍ଶ୍ଚିତ୍ କର୍‌ବାର ଲକ୍ଷ୍ୟଥି ରାଜ୍ୟ ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ଆଉ ଆଇଆଇଟି ମାଡ୍ରାସ୍‌ର ତର୍‌ଫୁ ଦିନ୍‌କିଆ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାନୁ ୩୫ ଝନ୍ ଦୁର୍ଘଟଣା ତଦନ୍ତ ଅଧିକାରୀ ଇଥି ଯୋଗ୍ ଦେଇକରି ତାଲିମ୍ ନେଇଥିଲେ ।

ବନକଲାଗି ନୀତି          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଶ୍ରାବଣ୍ ମାସ୍ ଅନ୍ଧାର୍ପଖ ସପ୍ତମୀ ତିଥି ଆଏଜ୍ ମାହାପୁରୁମାନ୍କର୍ ବନକଲାଗି ନୀତି ଚାଲିଛେ । ଆଏଜ୍ ମଏଧାନେ ୨ ନମ୍ବର୍ ଭୋଗମଣ୍ଡପ ଭୋଗ ଶେଷ୍ ହେବାର୍ ଉତ୍ରୁ ନୀତିକାନ୍ତି ମୁଲ୍ ହେଇଥିଲା । ମାହାପୁରୁମାନ୍କର୍ ବନକଲାଗି ନୀତି ଗୁପ୍ତ ନୀତି ହେଇଥିବାର୍ନୁ ଇ ସମିଆଥି ଗର୍ଭଗୃହର୍ ସବୁ ଦୁଆର୍ ବନ୍ଦ୍ କରାଯାଇଥିଲା । ଇଥିର୍ଲାଗି ସଞ୍ଜ୍ବେଲର୍ ସାଢ଼େ ୬ ବଜେନୁ ରାତିର୍ ୧୧ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ତୀର୍ଥଯାତ୍ରୀ ଯୋଜ୍ନା ପଞ୍ଜିକରଣ୍          I&PR

୨୦୨୫-୨୬ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଲାଗି ଆଏଜ୍ଠାନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇଟା ଅଗଷ୍ଟ ୧୫ ତାରିଖ୍ତକ୍ ଚାଲ୍ବା । ପର୍ଯ୍ୟଟନ ବିଭାଗର୍ ସୂଚ୍ନା ଅନ୍ସାରେ, ଯୋଜ୍ନାଥି ବରିଷ୍ଠ ନାଗରିକମାନେ

ଅଯୋଧ୍ୟା-ବାରାଣସୀ, ଉଜ୍ଜୟିନୀ-ଓମ୍କାରେଶ୍ୱର, ରାମେଶ୍ୱରମ୍-ମଦୁରାଇକେ ଯାତ୍ରା କର୍‌ବେ । ଖେପ୍ ଖେପ୍ କରି ତୀର୍ଥଯାତ୍ରୀମାନେ ରାଜ୍ୟର ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ରାୟଗଡ଼ା, ବାଲେଶ୍ୱର ସହରଠାନୁ ରେଲ୍ ଜରିଏ ତୀର୍ଥଯାତ୍ରାଥି ଯିବେ । ତୀର୍ଥଯାତ୍ରା ଲାଗି ଇଚ୍ଛୁକ ବରିଷ୍ଠ ନାଗରିକ୍‌ମାନେ yatra.odisha.gov.in ପୋର୍ଟାଲ୍‌ଥି ଅନ୍‌ଲାଇନ୍ ଆବେଦନ୍ କରିପାର୍‌ବେ । ଇତାର୍ ସହେତେ ଜିଲ୍ଲା ଆଉ ବ୍ଲକ୍ ପ୍ରଶାସନ୍ ପାଖେ ଭିଲ୍ ଅଫ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ । ଅଏତ୍‌କା ସୂଚ୍‌ନା ଲାଗି ପର୍ଯ୍ୟଟନ୍ ବିଭାଗ୍‌ର ୱେବ୍‌ସାଇଟ୍ dot.odisha.gov.in ଥି ଲଗ୍‌ଇନ୍ କରିପାର୍‌ବେ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ନ୍ୟାୟ ଦିବସ୍                ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍‌କର୍ ପାଖ୍‌କେ ନ୍ୟାୟର୍ ସୁଫଲ୍ ପୁହୁଁଚାବାର୍ ଲକ୍ଷ୍ୟ ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ନ୍ୟାୟ ଦିବସ୍ । ନ୍ୟାୟ ପ୍ରଦାନ୍ ସୁନିଶ୍ଚିତ୍ କର୍‌ବାର୍‌ଟା ଯେତ୍‌କି ଜରୁରୀ, ତଲ୍ ସ୍ତର୍‌କେ ଇଟାକେ ପୁହୁଁଚାର୍‌ଟା ସେତ୍‌କି ପ୍ରାସଙ୍ଗିକ୍ ଭିଲ୍ ଆଏ । ଇତାକେ ନଜର୍‌ଥି ରଖିକରି

ଫି ବଛର୍ ଜୁଲାଇ ୧୭ ତାରିଖ୍ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଲନ କରାଯାଏସି । ସୂଚ୍ନା ଅନ୍‌ସାରେ, ୨୦୦୨ ମସିହା ଜୁଲାଇ ୧ ତାରିଖ୍ ଦିନ ନେଦରଲାଣ୍ଡର ହେଗ୍ସ ସହର ନ ଅନ୍ତର୍ଜାତୀୟ ଅପରାଧ୍ ନ୍ୟାୟାଲୟର୍ କାମ୍ ମୁଲ୍ ହେଇଥିଲା । ଇହାଦେ ଶହେ ୨୫ଟା ଦେଶ୍ ଇ ସଂସ୍ଥାନ୍‌ର ସଦସ୍ୟ ଅଛନ୍ । ଅନ୍ତର୍ଜାତୀୟ ନ୍ୟାୟାଲୟର୍ ୧୫ ଝନ୍ ବିଚାରପତି ଅଛନ୍ । ଯୁଦ୍ଧ ପ୍ରଭାବିତ୍ ମାନବିକତା ବିରୋଧିଥି ହଉଥିବା ଅପରାଧି ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ନ୍ୟାୟ ଦେବାର୍ ଉପ୍‌ରେ ଇ ଦିବସ୍ ଗୁରୁତ୍ୱାରୋପ୍ କର୍‌ସି ।

ଓଡ଼ିଶା ବନ୍ଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟ୍‌ନାକେ ନେଇକରି ଆଏଜ୍ ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍‌ଫୁ ରାଏଜେ ୧୨ ଘଂଟିଆ ବନ୍ଦ ପାଲନ୍ କରାଯାଇଥିଲା । ଇଥିର୍ ଲାଗି ସାଧାରଣ ଜୀବନ୍ ଯାତ୍ରା ଆଂଶିକ୍ ଭାବେ ପ୍ରଭାବିତ୍ ହେଇଥିଲା । ଗାଡ଼ି ଚଲାଚଲ୍ ବନ୍ଦ ରହେବାର୍ ସହେତେ ଦୁକାନ୍, ବଜାର୍, ସ୍କୁଲ୍, କଲେଜ୍ ଆଉ ଭିନ୍ ଭିନ୍ କାର୍ଯ୍ୟାଲୟ୍‌ମାନ୍ ବନ୍ଦ ରହିଥିଲା । ବନ୍ଦକେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

ଡିଜିଟାଲ୍ ସଶକ୍ତୀକରଣ-ମୟୁରଭଞ୍ଜ ଆର୍‌ଏନ୍‌ୟୁ/ ସମ୍ବଲପୁର

ଡିଜିଟାଲ୍ ସଶକ୍ତୀକରଣ ଆଏଜ୍ ନାଗରିକମାନ୍‌କର ଜୀବନ୍ ଶୈଳୀଥି ବହୁତ୍‌ଟେ ପରିବର୍ତନ୍ ଆନିଛେ । ଇତାର୍ ଗୁଟେ ବର୍‌କସ୍ ଉଦାହରଣ ହଉଛନ୍ ମୟୁରଭଞ୍ଜ ଜିଲ୍ଲାର ଝନେ ମହିଲା ମଞ୍ଜୁଲତା ଦେବୀ । ପାଖାପାଖି ୭୦ ପ୍ରତିଶତ୍ ଜଂଗଲ୍ ଇଲାକା ଥିବା ମୟୁରଭଞ୍ଜ ଜିଲ୍ଲାନ ଜନସେବା କେନ୍ଦ୍ର ଥାପ୍‌ନା ଲାଗି ସେନର୍ ଲୁକ୍‌କର ପାଖ୍‌କେ ଡିଜିଟାଲ୍ ସେବା ପୁହୁଁଚଉଛନ୍ । ଜନସେବା କେନ୍ଦ୍ର ଦିବସ୍ ପାଲନ୍ ଅବ୍‌ସରେ ଗଲାକାଏଲ୍ ନୂଆଦିଲ୍ଲୀଠାନେ ହେଇଥିବା ଗୁଟେ ସମାରେହଥି କେନ୍ଦ୍ର ରେଲ୍, ଇଲେକ୍ଟ୍ରୋନିକ୍ସ, ସୂଚ୍‌ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ସମ୍ମାନୀତ୍ କରିଥିଲେ । ଇ ବାବ୍‌ଦେ ମଞ୍ଜୁଲତା କହିଛନ୍, ଜନସେବା କେନ୍ଦ୍ର ଜରିଏ ସରକାରୀ ସୁବିଧା ସୁଯୋଗ୍, ଖାସ୍ କରି ଆଦିବାସୀମାନ୍‌କର ପାଖ୍‌କେ ପୁହୁଚେଇ ପାରୁଥିବାର୍‌ନୁ ସେ ନିଜ୍‌କେ ଭାଗ୍ୟବାନ୍ ଭାବ୍‌ସନ୍ । ଇଥିର୍ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ୍ କେନ୍ଦ୍ର ସରକାରଙ୍କୁ ସେ ଧନ୍ୟବାଦ୍ ଜନେଇଛନ୍ ।

୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ୍  ପ୍ରସ୍ତୁତି  କଳାହାଣ୍ଡି ସମ୍ବାଦଦାତା

ଅଦାଲତୀ ମାମ୍ଲାମାନକର ସମାଧାନ ଲାଗି ଇ ମାସ୍ ନୁ ଆଏବା ଅକ୍ଟୋବର ୬ ତାରିଖ୍ ଭିତ୍ରେ ହେବାର୍କେ ଥିବା ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ୍ ଲାଗି କଳାହାଣ୍ଡି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତର୍ଫୁ ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ତୃତୀୟ ପକ୍ଷର୍ ସାହାଜ୍ଥି ଇଥି ଭିନ୍ ଭିନ୍ ମାମ୍ଲାର୍ ସମାଧାନ୍ କରାଯିବା ।

ବର୍ଷା ରେକର୍ଡ                    ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଇ ବଛର୍ ମୌସୁମୀ ଋତୁଥି ସ୍ୱାଭାବିକ୍ଠାନୁ ଅଏତ୍କା ବର୍ଷା ରେକର୍ଡ କରାଯାଇଛେ । ଜୁନ୍ ୧ ତାରିଖ୍ନୁ ଏବ୍ତକ୍ ହାରାହାରି ୪ ଶହ ୬୯ ମିଲିମିଟର୍ ବର୍ଷା ହେଇଛେ । ଯେନ୍ଟାକି ସ୍ୱାଭାବିକ୍ଠାନୁ ୨୩ ପ୍ରତିଶତ୍ ଅଏତ୍କା ଆଏ । ୩ଟା ଜିଲ୍ଲାନ ସବୁନୁ ଜହ ବର୍ଷା ହେଇଥିଲା ବେଲ୍କେ ୧୩ ଟା ଜିଲ୍ଲାନ ସ୍ୱାଭାବିକ୍ଠାନୁ ଅଏତ୍କା, ୧୧ଟା ଜିଲ୍ଲାନ ସ୍ୱାଭାବିକ୍ ଆଉ ୩ ଟା ଜିଲ୍ଲାନ ନିଅଂଟିଆ ବର୍ଷା

ହେଇଥିବାର ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ ନ ଆଏଜ୍ ୨ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍ନା ଅନ୍ସାରେ ଆଏଜ୍ ସଞ୍ଜର୍ ୬ ବଜେତକ୍ ଜଲ୍ଭଣ୍ଡାରକେ ଫିଂ’ ସେକେଣ୍ଡ୍‌ଥି ୮୮ ହଜାର୍ ୯ ଶହ ୪୨ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୬୮ ହଜାର୍ ୫ ଶହ ୨୯ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୯ ଦଶ୍ମିକ୍ ୪/୧ ଫୁଟ୍ ରହିଛେ ।

ପାଣିପାଗ              ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ରାଜ୍ୟର୍ ଭିନ୍ ଭିନ୍ ଇଲାକାନ ସପ୍ତାହକ ଭିତ୍ରେ ସାମାଏନ୍ନୁ ମଧମ୍ ଧରଣର୍ ବର୍ଷା ହେବାର୍ ସହେତେ ତାତି କମିପାରେ । ଆଏବା ୨୪ ଘଂଟା ଭିତ୍ରେ

ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୨୨ ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ହେଇପାରେ ବଲି  ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।